# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**29 July – 2025**

**News Editor : Itishree Singh Rathaur**

**********************************

## ମୁଖ୍ୟ ସମ୍ବାଦ

- ସଂସଦର ଉଭୟ ସଦନରେ ଅପରେସନ୍ ସିନ୍ଦୂର ଉପରେ ଜାରି ରହିଛି ଆଲୋଚନା

- ଜାତୀୟ ଶିକ୍ଷାନୀତି-୨୦୨୦କୁ ଆଜି ପୂରିଲା ୫ ବର୍ଷ

— ନିପୁଣ ଭାରତ ମିଶନରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଛି; କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

- ରାଜ୍ୟର ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଆଜି ଆକାଶମାର୍ଗରୁ ଅନୁଧ୍ୟାନ କରିବେ ମୁଖ୍ୟମନ୍ତ୍ରୀ

ଏବଂ

- ବ୍ୟାଘ୍ର ସଂରକ୍ଷଣ ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ଆନ୍ତର୍ଜାତିକ ବ୍ୟାଘ୍ର ଦିବସ

## ଲୋକସଭା-ଅପରେସନ୍ ସିନ୍ଦୂର

ଲୋକସଭାରେ ପହଲଗାମ ଆତଙ୍କବାଦ ଆକ୍ରମଣ ଓ ଅପେରେସନ ସିନ୍ଦୂର ଉପରେ ଆଲୋଚନା ଆଜି ମଧ୍ଯ ଜାରି ରହିଛି। ପହଲଗାମ ଆକ୍ରମଣ ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ କହିଛନ୍ତି, ଅପରେସନ୍ ମହାଦେବରେ ପହଲଗାମ ଆକ୍ରମଣରେ ସମ୍ପୃକ୍ତ ୩ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ସେହି ଆତଙ୍କବାଦୀଙ୍କ ମୃତ ଶରୀର ଶ୍ରୀନଗରରେ ପହଞ୍ଚିବା ପରେ ସେମାନଙ୍କର ଚିହ୍ନଟ ହୋଇସାରିଛି। ଏହାବ୍ୟତୀତ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇଥିବା ବ୍ୟକ୍ତିମାନଙ୍କୁ ମଧ୍ଯ ଜାତୀୟ ତଦନ୍ତକାରୀ ସଂସ୍ଥା ଗିରଫ କରିଛି ବୋଲି ସେ କହିଛନ୍ତି...

**- V/O -(Amit Shah)**

ରାଜ୍ୟସଭାରେ ମଧ୍ଯ ଅପରେସନ୍ ସିନ୍ଦୂର ଉପରେ ଆଲୋଚନା ଜାରି ରହିଛି।

## ଜାତୀୟ ଶିକ୍ଷାନୀତି

ଜାତୀୟ ଶିକ୍ଷାନୀତି-୨୦୨୦କୁ ଆଜି ପାଞ୍ଚବର୍ଷ ପୂରଣ ହୋଇଛି। ଦେଶରେ ଅନ୍ତର୍ଭୁକ୍ତୀକରଣ, ଶିକ୍ଷାର୍ଥୀ କୈନ୍ଦ୍ରିକ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିକ୍ଷା ବ୍ୟବସ୍ଥାରେ ଜାତୀୟ ଶିକ୍ଷାନୀତି ମୂଳଦୁଆ ପକାଇଛି। ପାଠ୍ୟପୁସ୍ତକ ଏବଂ ପରୀକ୍ଷାରେ ନମ୍ବର ଆଦି ମଧ୍ୟରେ ଶିକ୍ଷାକୁ ସୀମିତ ନ ରଖି

ବିଦ୍ୟାଳୟର ବାତାବରଣକୁ ଅଧିକ ବିକଶିତ କରିବା ଲକ୍ଷ୍ୟ ନେଇ ଏହି ନୀତି ପ୍ରଚଳନ କରାଯାଇଛି । ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ.....

ଶୈକ୍ଷିକ ବାତାବରଣ ସଂସ୍କାର ମାଧ୍ୟମରେ ନୂତନ ଜାତୀୟ ଶିକ୍ଷାନୀତିର ପ୍ରଭାବ ପ୍ରତ୍ୟେକ କ୍ଷେତ୍ରରେ ପରିଦୃଶ୍ୟ ହେଉଛି । ଜାତୀୟ ଶିକ୍ଷାନୀତି ୮ ଲକ୍ଷ ୯୦ହଜାର ବିଦ୍ୟାଳୟରେ ୪ କୋଟି ୨୦ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଉପକୃତ କରିଛି । ଏହା ମାଧ୍ୟମରେ ୧ ହଜାରରୁ ଅଧିକ ଆଇ.ଏସ୍.ଏଲ୍.ଭିଡ଼ିଓ ଏବଂ କଥୋପକଥନ ପୁସ୍ତକ ବିକଶିତ ହୋଇଛି ।

ସିବିଏସ୍ଇ ବୋର୍ଡ ପରୀକ୍ଷାରେ ଏବେ ୫୦ ପ୍ରତିଶତ ଦକ୍ଷତା ଆଧାରିତ ପ୍ରଶ୍ନକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ନୀତି ଅଧୀନରେ ନିଷ୍ଠା ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ଦ୍ୱାରା ୪ଲକ୍ଷରୁ ଅଧିକ ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ବାଲ୍‌ବାଟିକା, ଯାଦୁଇ ପିଟାରା ଏବଂ ପ୍ରଶଷ୍ଟ ଆପ୍ ସମେତ ଅନ୍ୟାନ୍ୟ ପଦକ୍ଷେପ ବହୁଭାଷୀ ଏବଂ ସାମଗ୍ରିକ ଶିକ୍ଷାକୁ ପ୍ରୋତ୍ସାହନ ପ୍ରଦାନ କରିଛି । ଭାରତୀୟ ଭାଷାକୁ ପ୍ରୋତ୍ସାହନ ପ୍ରଦାନ ସହିତ ଆଞ୍ଚଳିକ ବୈଷମ୍ୟ ହ୍ରାସ କରିବାରେ ଏହି ନୀତି ସହାୟକ ହୋଇଛି । ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ପାଇଁ ଉନ୍ନତି କରିବାର ସୁଯୋଗ ଜାତୀୟ ଶିକ୍ଷାନୀତି ସୃଷ୍ଟି କରିପାରିଛି । ଏ ସମ୍ପର୍କରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର **ସତ୍ୟକାମ୍ ମିଶ୍ର** କୁହନ୍ତି...

**- V/O -**

ନୂତନ ଜାତୀୟ ଶିକ୍ଷାନୀତି ନୂଆ ଭବିଷ୍ୟତ ଗଠନରେ ମାର୍ଗଦର୍ଶକ ସାଜିଛି। ଶିକ୍ଷା ଜୀବିକା ନୁହେଁ ବରଂ, ଜୀବନ ବ୍ୟକ୍ତିତ୍ୱ ଓ ମୂଲ୍ୟବୋଧ ଗଠନର ମାଧ୍ୟମ ବୋଲି ନୂତନ ଶିକ୍ଷାନୀତି ପ୍ରମାଣିତ କରିଛି।

**ଆକାଶବାଣୀ କଟକ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣୀଆ**

## ଧର୍ମେନ୍ଦ୍ର ପ୍ରଧାନ

ଜାତୀୟ ଶିକ୍ଷାନୀତି-୨୦୨୦ଶିକ୍ଷାର୍ଥୀମାନଙ୍କୁ ସଶକ୍ତ କରିବା ସହ ନବସୃଜନକୁ ପ୍ରୋତ୍ସାହିତ କରୁଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଶିକ୍ଷାମନ୍ତ୍ରଣାଳୟ ପକ୍ଷରୁ ଅଖିଳ ଭାରତୀୟ ଶିକ୍ଷା ସମାଗମ-୨୦୨୫କୁ ଉଦ୍‌ଘାଟନ କରି ଜାତୀୟ ଶିକ୍ଷାନୀତିକୁ ଶ୍ରେଣୀଗୃହ, କ୍ୟାମ୍ପସ୍ ଏବଂ ସମ୍ପ୍ରଦାୟଙ୍କ ପାଖରେ ପହଞ୍ଚାଇବାରେ ସରକାର ସଫଳ ହୋଇଛନ୍ତି ବୋଲି ଶିକ୍ଷାମନ୍ତ୍ରୀ କହିଛନ୍ତି....

**- V/O -(ଧର୍ମେନ୍ଦ୍ର ପ୍ରଧାନ)**

ଜାତୀୟ ଶିକ୍ଷାନୀତି-୨୦୨୦ ଦେଶରେ ପ୍ରଥମ କରି ପ୍ରିସ୍କୁଲ, ଶିଶୁଯତ୍ନ କେନ୍ଦ୍ର ଏବଂ ଶିକ୍ଷା ସଂସ୍ଥାଗତ ଢ଼ାଞ୍ଚାର ରୂପ ନେଇଛି। ଜାତୀୟ ଶିକ୍ଷାନୀତି ଯୋଗୁଁ ନିପୁଣ ଭାରତ ମିଶନରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଜାତୀୟ ଶିକ୍ଷାନୀତିର ୫ ବର୍ଷ ପୂରଣ ଅବସରରେ ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ

ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିବର୍ତ୍ତନକାରୀ ଦୃଷ୍ଟିକୋଣ ଶିକ୍ଷାକୁ ଭାରତର ଅଭିବୃଦ୍ଧି କାହାଣୀର କେନ୍ଦ୍ରବିନ୍ଦୁ ପାଲଟିଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି।

## ମୁଖ୍ୟମନ୍ତ୍ରୀ-ବନ୍ୟା ଅନୁଧ୍ୟାନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଆକାଶମାର୍ଗରୁ ରାଜ୍ୟର ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳର ଅନୁଧ୍ୟାନ କରିବେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ସହ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟରେ ବନ୍ୟା ସ୍ଥିତିର ଅନୁଧ୍ୟାନ କରିବେ ବୋଲି ଜଣାପଡିଛି। ମୁଖ୍ୟମନ୍ତ୍ରୀ ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ଗସ୍ତ କରିବେ। ବାଲେଶ୍ୱରର ଚାନ୍ଦିପୁରଠାରେ ଶ୍ରୀ ମାଝୀ ସମୀକ୍ଷା ବୈଠକରେ ଯୋଗଦେବେ ବୋଲି ସୂଚନା ମିଳିଛି।

## ପ୍ରଳୟ କ୍ଷେପଣାସ୍ତ୍ର ପରୀକ୍ଷଣ

ବାଲେଶ୍ୱର ଚାନ୍ଦିପୁର ସ୍ଥିତ ଅବଦୁଲ କଲାମ ଦୀପରୁ ଆଜି ପୁଣିଥରେ ପ୍ରଳୟ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି। ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଇପାରୁଥିବା ପ୍ରଳୟ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୧୫୦ରୁ ୫୦୦ କିଲୋମିଟର ରହିଛି । ଏହି କ୍ଷେପଣାସ୍ତ୍ର ୩୫୦ ରୁ ୭୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଯୁଦ୍ଧାସ୍ତ୍ର ବହନ କରିବାରେ ସକ୍ଷମ। ସ୍ୱଦେଶୀ

ଜ୍ଞାନକୌଶଳରେ ନିର୍ମିତ ପ୍ରଳୟକୁ ଗତକାଲି ମଧ୍ୟ ଡିଆରଡିଓ ପକ୍ଷରୁ ପରୀକ୍ଷଣ କରାଯାଇଥିଲା ।

## ବ୍ୟାଘ୍ର ଦିବସ

ଆନ୍ତର୍ଜାତିକ ବ୍ୟାଘ୍ର ଦିବସ ଆଜି ସମଗ୍ର ଦେଶରେ ପାଳନ କରାଯାଉଛି । ବ୍ୟାଘ୍ର ସଂରକ୍ଷଣକୁ ଗୁରୁତ୍ୱ ଦେବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ପରିବେଶ ସନ୍ତୁଳନ ଦିଗରେ ବ୍ୟାଘ୍ର ସଂରକ୍ଷଣର ଆବଶ୍ୟକତା ନେଇ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ରାଜ୍ୟରେ ବାଘ ବଂଶ ବୃଦ୍ଧି କରିବା ପାଇଁ ବନବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ୨୦୧୦ ମସିହାରେ ରୁଷରେ ଅନୁଷ୍ଠିତ ସେଣ୍ଟ ପିଟରସ୍‌ବର୍ଗ ବ୍ୟାଘ୍ର ସମ୍ମିଳନୀରେ ଆଜିର ଦିନକୁ ଆନ୍ତର୍ଜାତିକ ବ୍ୟାଘ୍ର ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଭାରତରେ ବ୍ୟାଘ୍ର ସଂରକ୍ଷଣ ଦିଗରେ କାର୍ଯ୍ୟ କରୁଥିବା ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷର ସୂଚନା ଅନୁଯାୟୀ ଦେଶରେ ବର୍ତ୍ତମାନ ୩ହଜାର ୬୮୨ଟି ବାଘ ରହିଛନ୍ତି ।

୨୦୨୨ ବାଘ ଗଣନା ଅନୁଯାୟୀ ଓଡିଶାରେ ୨୦ଟି ବାଘ ରହିଥିବାବେଳେ ମଧ୍ୟପ୍ରଦେଶରେ ସର୍ବାଧିକ ୭୮୫ଟି ବାଘ ଅଛନ୍ତି ।

**କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ଆନ୍ତର୍ଜାତିକ ବ୍ୟାଘ୍ର ଦିବସରେ ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ରରେ ଭାରତର ଉପଲବ୍ଧିକୁ ପ୍ରଶଂସା କରିଛନ୍ତି। ଓଡ଼ିଶା ଦୁର୍ଲଭ ମେଲାନିଷ୍ଟି ବାଘମାନଙ୍କ ରହଣୀସ୍ଥଳି ପାଲଟିଛି। ସମସ୍ତେ ମିଶି ବାଘମାନଙ୍କ ସୁରକ୍ଷା ପ୍ରତି ନିଜ ପ୍ରତିବଦ୍ଧତାକୁ ବଜାୟ ରଖିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।

ଜଙ୍ଗଲର ସୁରକ୍ଷାଦାତା ତଥା ପ୍ରାକୃତିକ ସନ୍ତୁଳନରେ ପ୍ରମୁଖ ଭୂମିକା ନେଉଥିବା ବାଘଙ୍କ ସୁରକ୍ଷା ଓ ସଂରକ୍ଷଣ ଦିଗରେ ସଚେତନ ହେବାପାଇଁ **ଉପମୁଖ୍ୟମନ୍ତ୍ରୀ** ପ୍ରଭାତୀ ପରିଡା କହିଛନ୍ତି।

## ଆପାର୍ଟମେଣ୍ଟ ପଞ୍ଜୀକରଣ

ଆପାର୍ଟମେଣ୍ଟ ପଞ୍ଜୀକରଣ ନିୟମକୁ ନେଇ ଆସନ୍ତାକାଲି ମୁଖ୍ୟ ଶାସନ ସଚିବ ମନୋଜ ଆହୂଜାଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଭୁବନେଶ୍ୱର ଲୋକସେବା ଭବନରେ ହେବାକୁ ଥିବା ବୈଠକରେ ରେରା ଆଇନ୍ ସହ ଜଡିତ ୫ଟି ବିଷୟବସ୍ତୁ ଉପରେ ଆଲୋଚନା କରାଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ଏଥିରେ ନଗର ଉନ୍ନୟନ ବିଭାଗ, ରାଜସ୍ୱ, ଜଙ୍ଗଲ ଓ ପରିବେଶ, ବିଡିଏ, ବିଏମ୍‌ସି, ଟାଉନ୍ ପ୍ଲାନିଂ ଓ ଓ୍ୱାଡ୍‌କୋ ଭଳି ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିବେ।

## ବିପର୍ଯ୍ୟୟ ସଚେତନତା

**ଭଦ୍ରକ** ଜିଲ୍ଲା ଭଣ୍ଡାରିପୋଖରି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପକ୍ଷରୁ ଏକ ସୁରକ୍ଷା ସଚେତନତା କୌଶଳ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଭାବିତ ଅଂଚଳର ଜନସାଧାରଣଙ୍କୁ ଆଗୁଆ ସତର୍କ ସୂଚନା ଦେବା ଏବଂ ଭୟଭୀତ ନ ହୋଇ ଏହାର ମୁକାବିଲା କରିବା ପ୍ରସଙ୍ଗରେ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା ।

## ବନକଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର ନୀତି ଏକ ଗୁପ୍ତନୀତି ହୋଇଥିବାରୁ ଆସନ୍ତାକାଲି ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ଭିତରକନିକା

ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତାମାସ ପହିଲାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ । ପର୍ଯ୍ୟଟକମାନେ  ପ୍ରଥମ ଥର ପାଇଁ ଭିତରକନିକାରେ ଲୁଣାଜାତୀୟ ଗଛର ଚାରାକୁ ହେନ୍ତାଳବଣ ନର୍ସରୀରେ ଦେଖିବା ସହିତ ବୋଟ୍ ଲାଇବ୍ରେରୀରେ ବିଭିନ୍ନ ଜୀବଜନ୍ତୁ ପରିବେଶ ମଧ୍ୟରେ ବହି ପଢ଼ିବାର ସୁଯୋଗ ପାଇପାରିବେ । ପର୍ଯ୍ୟଟକଙ୍କୁ ସ୍ୱାଗତ କରିବା ପାଇଁ

ବନବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । କୁମ୍ଭୀର ପ୍ରଜନନ ଋତୁ ପାଇଁ ଭିତରକନିକା ଜାତୀୟ ଉଦ୍ୟାନକୁ ଗତ ମଇ ମାସ ପହିଲାରୁ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୩ ମାସ ଧରି ବନ୍ଦ ରଖାଯାଇଛି ।

## ଦନ୍ତା ଆକ୍ରମଣରେ ମୃତ୍ୟୁ

**କନ୍ଧମାଳ** ଜିଲ୍ଲା ରାଇକିଆ ବ୍ଲକ୍ ପେଟାପାଙ୍ଗା ଗ୍ରାମପଞ୍ଚାୟତର ଆଡାସକୁପା ଗ୍ରାମର ଜଣେ ବ୍ୟକ୍ତିଙ୍କର ଦନ୍ତାହାତୀ ଆକ୍ରମଣରେ ମୃତ୍ୟୁ ହୋଇଛି । ଦୁଇଦିନ ତଳେ ଅନ୍ୟଜଣେ ବ୍ୟକ୍ତିଙ୍କ ମଧ୍ୟ ସେହି ଦନ୍ତାହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିଲା । ଦନ୍ତାହାତୀକୁ ଖୁବ୍ ଶୀଘ୍ର ଟାଙ୍କୁଲାଇଜ୍ କରିବା ସହ ଦୁଇ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଅଂଚଳବାସୀଙ୍କ ପକ୍ଷରୁ ଦାବୀ କରାଯାଇଛି ।

## ବନ୍ୟାସ୍ଥିତି

ରାଜ୍ୟରେ ବନ୍ୟାସ୍ଥିତି ନାହିଁ ବୋଲି ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି । ସୁବର୍ଣ୍ଣରେଖା, ବୈତରଣୀ ଓ ଜଳକା ନଦୀରେ ଜଳସ୍ତର ହ୍ରାସ ପାଉଛି ।  ତଳିଆ ଅଂଚଳରେ ଜଳ ନିଷ୍କାସନ ଜାରି ରହିଥିବା ନେଇ ଯନ୍ତ୍ରୀ ସୂଚନା ଦେଇଛନ୍ତି ।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ମଧ୍ୟାହ୍ନ ୧୨ଟା ସୁଦ୍ଧା ୬୧୪ ଦଶମିକ ୦/୨ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨ ଲକ୍ଷ ୪୦ ହଜାର ୩୦୦ ଘନଫୁଟ ଜଳ ପ୍ରବେଶ କରୁଛି। ୨୦ଟି ସ୍ଲୁଇସ୍ ଗେଟ୍ ଦେଇ ଏହି ସମୟ ମଧ୍ୟରେ ୩ ଲକ୍ଷ ୪୦ ହଜାର ୬୦୫ ଘନଫୁଟ ଜଳ ନିଷ୍କାସିତ ହେଉଛି।

*********************************